# ପିଲାଙ୍କ ଧରିତ୍ରୀ

ଶନିବାର, ୨୦ ଜୁଲାଇ, ୨୦୧୯




ସ୍କୁଲ୍ ସ୍କୁଲ୍ ୩



ଜଣା ଅଜଣା ୨



ଲାଲଟୁକୁଟୁକୁ ସାଧବ ବୋହୂ ୨



ଆଇନା ୮




# ଅଭାବରେ ସ୍ୱଭାବ

ମୁଲ୍ଲା ନସିରୁଦ୍ଦିନ ଥରେ ରାସ୍ତାରେ ଯାଉଥିବା ବେଳେ ମୂଲ୍ୟବାନ ରତ୍ନପଥର ଖଚିତ ସୁନା ହାରଟିଏ ପାଇଲେ। ମୁଲ୍ଲା ଥିଲେ ଅତ୍ୟନ୍ତ ଗରିବ ପୁଣି ପୂର୍ବଦିନ ତାଙ୍କର ଟଙ୍କା ମୁଣିଟି ବାଟରେ ଖସିପଡ଼ିଥିଲା। ତେଣୁ ସେ ଭଗବାନଙ୍କୁ କୃତଜ୍ଞତା ଜଣାଇ କହିଲେ 'ପ୍ରଭୁ' ତୁମେ ମୋ ପ୍ରତି ସୁନଜର ରଖିଛ। ନ ହେଲେ କାଲିର କ୍ଷତି ଆଜି ଭରଣା ହୋଇ ଆହୁରି ଲାଭ ମିଳିଲା କେମିତି? ମୁଲ୍ଲା ଘରକୁ ଫେରି ନିଜ ସ୍ତ୍ରୀଙ୍କୁ ସୁନା ହାର ଦେଖାଇ କହିଲେ ଦେଖ ଏହି ହାର ଭଗବାନ ଦେଇଛନ୍ତି। କାଲି ମୋର ଟଙ୍କା ମୁଣି ହଜିଗଲା ବୋଲି ସେ ଆଜି କ୍ଷତି ଭରଣା କରିଦେଇଛନ୍ତି। ମୁଲ୍ଲାଙ୍କ ସ୍ତ୍ରୀ କହିଲେ– ତୋବା, ତୋବା ଏମିତି ବାଟରୁ ପାଇବା ଜିନିଷ ପାଖରେ ରଖନ୍ତି ନାହିଁ। ଏହାର ମାଲିକ ତୁମେ ନୁହେଁ, ଯିଏ ଏ ଜିନିଷ ହଜାଇଛି ସେ ହେଉଛି ଏହାର ମାଲିକ। ତେଣୁ ଯାଅ ଗାଁ ବଣିଆକୁ ଏ ହାର ଦେଖାଇ ତାକୁ ତା' ମାଲିକ ପାଖରେ ପହଞ୍ଚାଇ ଦିଅ। ମୁଲ୍ଲା ସ୍ତ୍ରୀଙ୍କ ଉପରେ ରାଗି ବୁଦ୍ଧୁ କୋଉଠିକାର ବୋଲି କହି ମନେ ମନେ ଗୀତ ଗୁଣୁଗୁଣାଇ ଖୁସି ମନରେ ବାହାରିଗଲେ। ଏଇ ସମୟରେ ସେ ଦେଖିଲେ ଯେ ଘର ବାହାରେ ଭିକାରି ଭଳି ଦିଶୁଥିବା ଜଣେ ଲୋକ ଛିଡ଼ା ହୋଇଛି। ସେ ଲୋକ ମୁଲ୍ଲାଙ୍କୁ ଦେଖି ସାଙ୍ଗେସାଙ୍ଗେ ତାଙ୍କ ଟଙ୍କା ମୁଣି ଫେରାଇ ଦେଇ କହିଲା– ଏହା ଭିତରେ ତୁମ ନାମ ଥିବା କାଗଜ ପାଇଲି, ଏହା ତୁମର। ତେଣୁ ଏହାକୁ ନିଅ। ମୁଲ୍ଲା ଟିକିଏ ଅଟକି ଗଲେ। ସେ ଲୋକକୁ ଆପାଦମସ୍ତକ ନିରୀକ୍ଷଣ କରି କହିଲେ– ତୁମେ ତ ଅତ୍ୟନ୍ତ ଅଭାବୀ ଭଳି ଦିଶୁଛ? ଏ ମୁଣିରୁ ଟଙ୍କା ନେଇ ନ ଯାଇ ଫେରାଇବାକୁ ଆଣିଲ କାହିଁକି? ଉତ୍ତରରେ ସେ ଲୋକ କହିଲା, ଅଭାବରେ ରହିଲେ ବି ମୋ ସ୍ୱଭାବ ଯେ ନଷ୍ଟ ହୋଇନାହିଁ, ତାହା ନିଜ ପାଖରେ ନିଜେ ପ୍ରମାଣ କରିବା ଲାଗି ମୁଁ ଏମିତି କଲି। ମୁଲ୍ଲା ଏହା ଶୁଣି ତତ୍କ୍ଷଣାତ ଘରକୁ ଫେରିଲେ ଏବଂ ସୁନା ହାର ଧରି ବାହାରିଲେ। ଏହା ଦେଖି ତାଙ୍କ ସ୍ତ୍ରୀ କହିଲେ–କୁଆଡ଼େ ଯାଉଛ?

''ମୁଲ୍ଲା କହିଲେ– ଅଭାବରେ ବି ମୋ ସ୍ୱଭାବ ଠିକ ଅଛି।''

ଅନୁଚିନ୍ତା: ଯେଉଁ କାମରୁ ଆନନ୍ଦ ମିଳେ, ସେଇ କାମରେ ପାରଦର୍ଶିତା ହାସଲ କରିହୁଏ।

**–ମିର୍ଜା ଇମ୍ରାନ ବେଗ୍**
ପୁରୁଣା ବଜାର, ଭଦ୍ରକ

## ମତାମତ

✷ ବର୍ଷା ସମ୍ପର୍କିତ କବିତାଗୁଡିକ ହୃଦୟସ୍ପର୍ଶୀ ଥିଲା।

**– ଲେଲିନ୍, ସୋନା**
ସମ୍ବଲପୁର

✷ ପିଲାଙ୍କ ଧରିତ୍ରୀରେ ପ୍ରକାଶ ପାଉଥିବା ଆସ ଖୋଜିବା ଓ ବିନ୍ଦୁ ଯୋଡ ମୋର ଖୁବ୍ ପସନ୍ଦ। ଏଥିରେ ଆଉ ଅଧିକ ପୃଷ୍ଠା ସ୍ଥାନ ପାଇଲେ ଭଲ ହୁଅନ୍ତା।

**– ଅର୍ଚ୍ଚିତା ସ୍ୱାଇଁ**
ବକ୍ସିବଜାର, କଟକ

✷ ବିମାନର ଆଖି ଓ ମସ୍ତିଷ୍କ ସଦୃଶ କାମ କରୁଥିବା 'ବ୍ଲାକ୍‌ବକ୍ସ' ପଠନ ଉପଯୋଗୀ ବିଷୟଟି ଥିଲା।

**– ପରିଣିତା, ମୋନାଲିସା**
ଧର୍ମଶାଳା, ଯାଜପୁର

✷ ଜଣା ଅଜଣା ସ୍ତମ୍ଭଟିରୁ ଅନେକ କଥା ଜାଣିବାକୁ ମିଳୁଛି।

**– ସସ୍ମିତା ମହାରଣା**
କାକଟପୁର, ପୁରୀ

## ବିନ୍ଦୁ ଯୋଡ଼



## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଖିଲି ଖିଲି ହସ

ଶିକ୍ଷକ : ଆଚ୍ଛା ପିଲାମାନେ କହିଲ ଭାସ୍କୋଡାଗାମା କେବେ ଭାରତ ଆସିଥିଲେ ?
ଚିଣ୍ଟୁ: ସାର୍ ଶୀତଦିନେ ଆସିଥିଲେ ।
ଶିକ୍ଷକ: ତୁମେ କେମିତି ଜାଣିଲ ଶୀତ ଦିନରେ ଆସିଥିଲେ ?
ଚିଣ୍ଟୁ: ସାର୍, ମୁଁ ଫଟୋ ଦେଖିଥିଲି ସେ ଜ୍ୟାକେଟ୍ ପିନ୍ଧିଥିଲେ।

ଘରକୁ ଅତିଥି ଆସିବାରୁ ପପୁ ପଚାରିଲା–ଆଜ୍ଞା, କ'ଣ ଗରମ ନେବେ ନା ଥଣ୍ଡା ?
ଅତିଥି: ସବୁ ନେଇ ଆସ।
ପପୁ (ଚାକର ଉଦ୍ଦେଶ୍ୟରେ କହିଲେ): ଫେକୁ ଗୋଟିଏ ଗ୍ଲାସ ପାଣି ଫ୍ରିଜ୍‌ରୁ ଆଉ ଗୋଟିଏ ଗ୍ଲାସ ଗିଜରରୁ ନେଇ ଆସ।

ଶିକ୍ଷକ: ପିଲାଏ ପନ୍ଦରଟି ଫଳର ନାମ କୁହ ?
ମୋନୁ: ସାର୍, ଆମ୍ବ, ଅମୃତଭଣ୍ଡା, ପିଜୁଳି .....
ଶିକ୍ଷକ: ସାବାସ୍, ଆଉ ବାକି ୧୨ଟି ଫଳର ନାଁ?
ମୋନୁ: ସାର୍ , ଏକ ଡର୍ଜନ କଦଳୀ।

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



ସ୍କୁଲ୍... ସ୍କୁଲ୍

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦେବଗଡ

ସ୍ଥାପିତ–୧୦.୦୮.୧୯୮୯
ଶ୍ରେଣୀ– ପ୍ରାରମ୍ଭରୁ ଦଶମ
ଗୁରୁମା/ ଗୁରୁଜୀ ସଂଖ୍ୟା–୩୩
ଛାତ୍ରୀଛାତ୍ର ସଂଖ୍ୟା–୫୩୫
ପ୍ରମୁଖ ଭାଷା–ସଂସ୍କୃତ, ଓଡିଆ ଓ ହିନ୍ଦୀ




ଉଚ୍ଚମାନର ଶିକ୍ଷାସହ ରାଷ୍ଟ୍ରଭକ୍ତି ଏବଂ ପୁରାତନ ସଂସ୍କୃତିକୁଆଧାରିତ କରି ଦେବଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରତିଷ୍ଠିତ ହୋଇଅଛି। ବିଦ୍ୟାଳୟରେ ଶିଶୁ ଭଉଣୀ ଭାଇଙ୍କୁ ସରକାରୀ ପାଠ୍ୟପୁସ୍ତକ ସହିତ ଶିକ୍ଷାବିକାଶ ସମିତି ଓଡିଶାଙ୍କ ପାଠ୍ୟ ପୁସ୍ତକ ପଢାଯାଉଥିବା ବେଳେ ୫ଟି ଆଧାରଭୁକ୍ତ ବିଷୟ ଯଥା–ଶାରୀରିକ, ଯୋଗ, ସଂଗୀତ, ସଂସ୍କୃତ, ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷା ଉପରେ ମଧ ଗୁରୁତ୍ୱ ଦିଆଯାଇଥାଏ । ଏଠାରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ପ୍ରୋଜେକ୍ଟର୍ ମାଧମରେ କମ୍ପ୍ୟୁଟର ଶିକ୍ଷାଦାନ ଦିଆଯାଏ । ଛାତ୍ରୀଛାତ୍ରଙ୍କ ଯାତାୟାତ ନିମନ୍ତେ ୨ଟି ବସ୍‌ର ବ୍ୟବସ୍ଥା ମଧ ରହିଛି। ବିଦ୍ୟାଳୟରେ ଗଣେଶ ପୂଜା, ସରସ୍ୱତୀ ପୂଜା, ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ,ବାର୍ଷିକ କ୍ରୀଡା, ବାର୍ଷିକ ଉତ୍ସବ, ସ୍ୱଚ୍ଛଭାରତ, ଶିଶୁ ବାଲ ଓ କନ୍ୟା ଶିବିର, ମାତୃସମ୍ମିଳନୀ, ମାତୃ କର୍ମଶାଳା, ସ୍ୱଦେଶୀମେଳା, ଶକ୍ତି ସଂରକ୍ଷଣ, ଜଳ ସଂରକ୍ଷଣ, ପର୍ଯ୍ୟାବରଣ ଦିବସ ସହିତ ମହାପୁରୁଷଙ୍କ ଜୟନ୍ତୀ, ବିଭିନ୍ନ ଜାତୀୟ ଦିବସ ଆଦି ପାଳନ କରାଯାଏ । ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଜ ନିଷ୍ଠା ବଳରେ ଜିଲା ଏବଂ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ତଥା ସମ୍ମାନିତ ହୋଇ ବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରିଛନ୍ତି ।

**ରିପୋର୍ଟ:** ଶଶାଙ୍କ ଶେଖର ଝାଙ୍କର



ସ୍ୱାଧୀନତା ଦିବସ ଅବସରରେ ସ୍କୁଲର ବ୍ୟାଣ୍ଡ ଦଳ।

## ପ୍ରତିଭାଙ୍କ ସମ୍ପର୍କରେ....



**ଡୋନାଲ୍‌ଡୋ ପ୍ରଧାନ, କ୍ଲାସ୍–୧୦**
ଜଣେ ମେଧାବୀ ଛାତ୍ର ତଥା ଜଣେ ଦକ୍ଷ ଖେଳାଳୀ। ବିଦ୍ୟାଳୟ ତରଫରୁ ରାଜ୍ୟସ୍ତରୀୟ କବାଡିରେ ଅଂଶଗ୍ରହଣ କରି ସଫଳତା ପାଇଛନ୍ତି।



**ପ୍ରିୟଙ୍କା ଦେବତା, କ୍ଲାସ୍–୯**
ଜଣେ ମେଧାବୀ ଛାତ୍ରୀ ଭାବେ ବିଦ୍ୟାଳୟରେ ସୁନାମ ଅର୍ଜନ କରିଛନ୍ତି। ରାଜ୍ୟସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି।



ବିଭିନ୍ନ ପ୍ରତିଯୋଗିତାରେ ସଫଳ ହେବା ପରେ ସ୍କୁଲର ଛାତ୍ରୀଛାତ୍ର ଟ୍ରଫି ସହ।

## ବିଦ୍ୟାଳୟ ସମ୍ପର୍କରେ...

**ପ୍ରଧାନଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳ –** ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତି, ଓଡିଶା ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦୀର୍ଘ ୩୦ ବର୍ଷ ହେଲା ସେବା କରି ଆସୁଅଛି । ଏହି ବିଦ୍ୟାଳୟରେ ମୁଁ ନୂତନ ଭାବେ ପ୍ରଧାନ ଆଚାର୍ଯ୍ୟ ଭାବେ ଯୋଗଦେଇଛି । ତେବେ ଏହି ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ପାଇଁ ମୁଁ ସବୁବେଳେ ଚେଷ୍ଟାରତ।



**ବିଦ୍ୟାଳୟର ପରିଚାଳନା କମିଟି ସଭାପତି, ସୁକାନ୍ତ କୁମାର ସାହୁ–** ଗତ ତିନି ବର୍ଷ ହେବ ମୁଁ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଦାୟିତ୍ୱରେ ଅଛି। ଆଜକୁ ୩୦ ବର୍ଷ ହେଲାଣି ଦେବଗଡର ସାମାଜିକ ତଥା ସାଂସ୍କୃତିକ ଉତ୍ଥାନ ପାଇଁ ଏକ ଅଭିଯାନ ଆରମ୍ଭ କରିଛି। ତେବେ ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ ସମାଜର ଉତ୍ତର ଦାୟିତ୍ୱ ନିଜେ ନେବେ ବୋଲି ଆମର ଲକ୍ଷ୍ୟ ଏବଂ କାମନା ।





ଜନ୍ମାଷ୍ଟମୀ ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ବେଶରେ।



ଗୁରୁଦିବସ ପାଳନ ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର।



ଛାତ୍ରମାନେ ବାର୍ଷିକ କ୍ରୀଡାରେ ଅଂଶ ଗ୍ରହଣ କରିଛନ୍ତି।



୧




୨



୩




୪




୫



୬




୭



୮



୯



୧୦

୧



**ଅନିଶା ଦାସ**
କ୍ଲାସ-ନର୍ସରୀ,ଲିଟିଲି ୱିଂସ୍
ସ୍କୁଲ,ଜୟଦେବ ବିହାର,
ଭୁବନେଶ୍ୱର

**ରୁଦ୍ରନାରାୟଣ ପଣ୍ଡା**
କ୍ଲାସ-୫,ସେଣ୍ଟ
ଜୋସେଫ୍ ହାଇସ୍କୁଲ,
ଭୁବନେଶ୍ୱର



୨

୩



**ରୁକୁଣୀ ନାୟକ**
କ୍ଲାସ-୮,ବାଘମୁଣ୍ଡ ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ,
ପାଟଣାଗଡ,
ବଲାଙ୍ଗୀର

**ପ୍ରିୟାଂଶୀ ଦାସ**
କ୍ଲାସ-୩,ବିକାଶ
ରେସିଡେନ୍ସିଆଲ ସ୍କୁଲ,
ଖଣ୍ଡଗିରି,
ଭୁବନେଶ୍ୱର



୪

୫



**ଆଦ୍ୟା ଦାସ**
କ୍ଲାସ-୧,ଡି.ଏ.ଭି ପବ୍ଲିକ୍
ସ୍କୁଲ, ୟୁନିଟ୍-୮,
ଭୁବନେଶ୍ୱର

**କୁମାରୀ
ସ୍ୱୟମ୍‌ଶ୍ରୀ ନାୟକ**
କ୍ଲାସ- ୭, ଦେଶବନ୍ଧୁ
ସରକାରୀ ଉଚ୍ଚ
ବିଦ୍ୟାଳୟ, ଅସୁରାଳି,
ଭଦ୍ରକ



୬

୭



**ସମୀକ୍ଷା ସାମଲ**
କ୍ଲାସ- ୭, ଶ୍ରୀକଳିଙ୍ଗ
ବିଦ୍ୟାପୀଠ,
ଉମରକୋଟ,
ନବରଙ୍ଗପୁର

**ଅନୁରାଗ ମିଶ୍ର**
କ୍ଲାସ-୫,ତଳକାହାଳିଆ
ପ୍ରାଥମିକ ବିଦ୍ୟାଳୟ,
ନୀଳଗିରି,
ବାଲେଶ୍ୱର



୮

୯



**ଅର୍ମାନ ମିଶ୍ର**
କ୍ଲାସ-୧, ତଳକାହାଳିଆ
ପ୍ରାଥମିକ ବିଦ୍ୟାଳୟ,
ନୀଳଗିରି ବାଲେଶ୍ୱର

**ଭାସ୍ୱତୀ ବିଶୋଇ**
କ୍ଲାସ- ୪, କେନ୍ଦ୍ରୀୟ
ବିଦ୍ୟାଳୟ-୩,
ମଞ୍ଚେଶ୍ୱର,
ଭୁବନେଶ୍ୱର



୧୦



## ଗ୍ରାଇଣ୍ଡର ଆସି ସାରିଲା ସବୁ

ମନଦୁଃଖ କରି ଶିଳ ପଚାରିଲା
ବିରି ଚାଉଳକୁ ଚାହିଁ,
ଅକାଳେ ସକାଳେ ବାଟବଣା ହୋଇ
ମୋ ପାଖେ ଆସୁନ କାହିଁ ?
ସେଇଭାବ ଆମ କେତେ ଯେ ପୁରୁଣା
ଏକଥା ଗଲକି ଭୁଲି,
କୂଅକୁ ଯେମିତି ପାଣି ଖୋଜୁଥାଏ
ଜାଳକୁ ଖୋଜଇ ଚୁଲି ।
କେଡ଼େ ଖୁସିରେ ମୁଁ ବାଟି ଦେଉଥିଲି
ତୁମକୁ ଆଦର କରି,
କେଜାଣି କାହିଁକି ମୋଠାରେ ଶରଧା
ନାହିଁ ଆଉ ଆଗପରି ।
କଳ ଆସି ଗୋଟେ ଅଚଳ କରିଛି
ପଡ଼ିଛି ମୁଁ ଘର କଣେ,
କହୁଛନ୍ତି ଲୋକ ଗ୍ରାଇଣ୍ଡର କାମ
ଶିଳ କି ପାରିବ ପଣେ ?
ଭୁଲି ଯାଉଛନ୍ତି ମୋ ପାଇଁ ତାଙ୍କର
ଦେହ ହୁଏ ସରବର,
ମୋ ପାଖ ନ ମାଡ଼ି ସବୁ ରୋଗ ଆସି
କଲାଣି ତାଙ୍କଠି ଘର ।
ବିଜୁଳି ନ ଥିଲେ ବେଳ ଅବେଳରେ
ଖୋଜା ପଡୁଥାଏ ପୁଣି,
ପୁରୁଣା କହିଲେ ମୋ ଗୁଣ ବଖାଣି
ଖୁସି ହେଉଥାଏ ଶୁଣି ।

**– ଶିଶିର କୁମାର ପଣ୍ଡା**
କୁଆଁସ, ମେରଦାକାଟିଆ, ଯାଜପୁର

## ଆମେ ସବୁ ଟିକି ଫୁଲ

ଆମେ ସବୁ ଟିକି ଫୁଲ
ଏ ଧରାର ବଗିଚାରେ,
ହସିହସି ହସାଇବୁ
ଏ ଦେଶର ଜନତାରେ ।
ଆକାରରେ ସିନା ଛୋଟ
ମହକାଇ ଚଉଦିଗ,
ଖୁସିଦେବୁ ଜନଗଣେ
ଯାହାକୁ କରିବେ ଭୋଗ ।
ଛୋଟ ବୋଲି ହେବୁ ନାହିଁ
ବଡ଼ କାମକୁ ବି ମୁଖ୍ୟ,
ଭଲ କାମ ଆଣିଦେବ
ଜୀବନରେ ସିନା ସୁଖ ।
ଆଜି ଯାହା ଦିଶେ ଛୋଟ
ବଡ଼ ହେବ କାଲି ସେହି,
ଉପକାର ନ କରିଲେ
ପଚାରିବେ ନାହିଁ କେହି ।
ଟିକି ଫୁଲ ଯେଉଁପରି
ଚହଟାଇ ଦିଏ ବାସ,
ପରିବେଶ ରଖେ ଭଲ
ଦୂରଗନ୍ଧେ କରି ନାଶ ।
ଟିକିଟିକି ଫୁଲମାନେ
ସବୁ ଏହି ଦୁନିଆର,
ଖୁସି ହେବ ବାରି ତୁମେ
ମଣିଷର ଉପକାର ।

**– ଅଧ୍ୟାପକ ବିଷ୍ଣୁ ମୋହନ**
ଏ/୫୮, କ୍ରିଷ୍ଣାଗାର୍ଡନ–୨, ଖଣ୍ଡଗିରି,
ଭୁବନେଶ୍ୱର



କ ବି ତା



## ତଲାରି

ଝିପିରି ଝିପିରି ଝଡ଼ି ବରଷାରେ
ମୁଣ୍ଡେ ଥିବ ଯେବେ ତଲାରି,
ଚାଷ କାମ ବେଳେ ରହେନାହିଁ ଆଉ
ପାଣି ପବନକୁ ଖାତିରି ।
ବାଉଁଶ ପାତିଆ ଢାଳ ପତରରେ
ବୁଣା ହୋଇଥାଏ ବଢ଼ିଆ,
ଦେଖିବାକୁ ବଡ଼ ଟୋପିଟିଏ ପରି
ବାନ୍ଧିବାକୁ ନୁହେଁ ଅଡୁଆ ।
ଦଳ ଦଳ ଗ୍ରାମ୍ୟ ଶ୍ରମିକ ମହିଳା
ଧାନ ରୋଉଥିବା ବେଳରେ,
ମୁଣ୍ଡରେ ତଲାରି ପିନ୍ଧିକି ଦିଶନ୍ତି
ପକ୍ଷୀ ଧାଡ଼ି ଭଳି ବିଲରେ ।
ରିକ୍‌ସା ବାଲାଙ୍କ ମୁଣ୍ଡରେ ତଲାରି
ରକ୍ଷା କରିଥାଏ ଖରାରୁ,
ପରିଶ୍ରମ ଟିକେ ଲାଘବ ଲାଗଇ
ଅଂଶୁଘାତ ଦୁଃଖ ଦାଉରୁ ।
ଆଜିକାଲି ସିନା ଛତା, ରେନ୍‌କୋଟ୍
ବ୍ୟବହାର ହୁଏ ବହୁତ,
ଯିଏ ଜାଣିଅଛି ତଲାରିର ଗୁଣ
ପାଇଅଛି ତା'ର ମହତ ।

**–ବାସୁଦେବ ନାୟକ**
ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ,
ବ୍ରହ୍ମପୁର, ଗଞ୍ଜାମ




- 'ଜଙ୍ଗଲବୁକ୍' ଗଳ୍ପରେ ମୋଗଲିର ପ୍ରିୟ ବନ୍ଧୁ ଭାଲୁର ନା' କ'ଣ ?
- 'ପୋପାଏ–ଦ ସେଲର୍' କାର୍ଟୁନ୍‌ରେ ପୋପାଏ ସର୍ବଦା କ'ଣ ଖାଉଥିବାର ଦେଖାଯାଏ ?
- 'ଟମ୍ ଆଣ୍ଡ ଜେରୀ' କାର୍ଟୁନ୍ କେଉଁ ଦୁଇଟି ପ୍ରାଣୀ ଚରିତ୍ର ଉପରେ ପର୍ଯ୍ୟବସିତ ?
- 'ଦ ଲାୟନ୍ କିଙ୍ଗ' ଆନିମେଟେଡ୍ ଫିଲ୍ମରେ ମୁଖ୍ୟ ଚରିତ୍ରରେ ଥିବା ସିଂହର ନାମ କ'ଣ ?
- 'ସ୍କୁବି–ଡୁ' କାର୍ଟୁନ୍ ସିରିଜ୍‌ରେ ଥିବା ସ୍କୁବି ଚରିତ୍ରଟି କେଉଁ ପ୍ରକାରର ପ୍ରାଣୀ ?

## ଆରଥରର ଉତ୍ତର

- ନିର୍ମଳା ସୀତାରାମନ
- ଓମ୍ ବିର୍ଲା
- ରାଜନାଥ ସିଂ
- ସୂର୍ଯ୍ୟ ନାରାୟଣ ପାତ୍ର
- ପ୍ରତାପ ଚନ୍ଦ୍ର ଷଡଙ୍ଗୀ

## ପାର୍ଥକ୍ୟ ଦର୍ଶାଅ




## କହିଲ ଦେଖି

**ରମାକାନ୍ତ ପୁରୋହିତ**
*ନିରାକାରପୁର, ଖୋର୍ଦ୍ଧା*



ନ ଥିଲେ ନ ଥାଉ ପରଜା ମୋର
ନୁହଁଇ ପତି ମୁଁ କେବେ କାହାର
ମୋ ସୁଖେ ଜଗତେ ସୃଜଇ ଫଳ
ସକାଳେ ଭ୍ରମଣ ମୋର ସଫଳ
ରଙ୍ଗରେ ଦୁନିଆ ଅନାଏ ମୋତେ
ମୋ ସୃଷ୍ଟି ବିଷାକ୍ତ ପୋକରୁ ସତେ ।
**ଉ: ପ୍ରଜାପତି**


ଜଳରୁ ଜନମ ନୁହେଁ ଜଳଜ ହିଁ
ପ୍ରାଣୀ ରକ୍ତ ଶୋଷିବାକୁ ବସେ ଚାହିଁ
ମୋ ଭଗାରି ଜଲୁ ହୋଇଛି ସୃଷ୍ଟି
ପ୍ରାଣୀଙ୍କ ପରାଣ ବିନାଶେ ମୋ ଦୃଷ୍ଟି ।
**ଉ: ଜୋକ**






ଛୋଟିଆ ଜୀବ ମୁଁ ଦଳବଳ
ପରିଶ୍ରମେ ନୁହେଁ ବିଶୃଙ୍ଖଳ
ମୋ ପରେ କରିଲେ ଆକ୍ରମଣ
ହାତୀର ବି ନାହିଁ ପରିତ୍ରାଣ
ମୋ ଠାରୁ ନିସ୍ତାର ପାଏ ନାହିଁ
ଏକତା ମୋ ସାହା ବିଜୟ ପାଇଁ ।
**ଉ: ପିମ୍ପୁଡି**

ନୁହେଁ ମହୁମାଛି ବାନ୍ଧଇ ଫେଣା
ମମତା ଶୁନ୍ୟ ପତଙ୍ଗେ ଗଣା
ମୋ ଘରେ କରଇ ଯେ ବିଶୃଙ୍ଖଳା
ଜାଣ ଜିଇ ଥାଉ ଥାଉ ସେ ମଲା ।
**ଉ: ବିରୁଡି**





ଛୋଟ ଚଢେଇ ମୁଁ ଉଡେ ଆକାଶେ
ବର୍ଷା ଆଗମନେ ବହୁ ସଂଖ୍ୟାରେ ଦିଶେ
ଆକାଶ ବିଶୁଦ୍ଧ ଜଳ ଆହାର
କରି ପାଳଇ ମୋ କ୍ଷୁଦ୍ର ଶରୀର ।
**ଉ: ଚାତକ**



# ଲାଲ ଟୁକୁଟୁକୁ ସାଧବବୋହୂ

ଆଷାଢ଼ ମାସ ଆସିଲେ ସାରା ଆକାଶରେ ମେଘ ଡାକିଦିଏ। ରଜ ସଂକ୍ରାନ୍ତି ପରେ ଅସରାକୁ ଅସରା ବର୍ଷା ହୁଏ। ବାଡ଼ିବଗିଚାରେ ଘାସ ଉଠେ। ମାଟିତଳେ କେଉଁଠି ଥାଆନ୍ତି କେଜାଣି ପଡ଼ିଆ ସାରା ନାଲି ଟୁକୁଟୁକୁ ସାଧବବୋହୂ ଚାଲନ୍ତି। ଛୋଟ ପିଲାମାନେ ଏମାନଙ୍କୁ ଦେଖି ଖୁସିରେ ମୋହିତ ହୋଇଯାଆନ୍ତି। ସେମାନଙ୍କ ନରମ ନରମ ପାପୁଲିରେ ସାଧବବୋହୂ ପୋକଗୁଡ଼ିକୁ ତୋଳି ଧରନ୍ତି। ବଡ଼ମାନେ ଆକଟ କଲେ ସୁଦ୍ଧା ମାନନ୍ତି ନାହିଁ।

ଶିଶୁମାନେ ଗାଇଥାନ୍ତି– ନଈରେ କେତେ ପାଣି, କହଲୋ ସାଧବାଣୀ।

ଏବେ ଆଉ ସେମିତି ଗାଁଗଣ୍ଡାର ପଡ଼ିଆ କିମ୍ବା ବିଲଗୁଡ଼ିକରେ ପ୍ରାୟତଃ ସାଧବବୋହୂ ପୋକ ଦେଖିବାକୁ ମିଳୁ ନାହାନ୍ତି। କୃଷି ବୃଦ୍ଧି ନିମନ୍ତେ ବିଭିନ୍ନ ରାସାୟନିକ ସାର ବ୍ୟବହାର କରାଯାଉଛି। ଫଳରେ ସାର ବିଷକ୍ରିୟାରେ ପରିବେଶ ଓ ମାଟି ଦୂଷିତ ହୋଇଯାଉଛି। ଏହି ସୁନ୍ଦର କୀଟଗୁଡ଼ିକ ତାଙ୍କର ଅସ୍ତିତ୍ୱ ହରାଇବାକୁ ବସିଲେଣି।

ଯେତେବେଳେ ମାଟି ଶୁଦ୍ଧ ଥିଲା କେମିତି କେଜାଣି ପ୍ରାକୃତିକ ପ୍ରଣାଳୀରେ ଏହାର ଭ୍ରୁଣ ମାଟିତଳେ ଥାଏ। ବର୍ଷା ଆସିଲେ ଘାସଭରା ଭୂଇଁରୁ ଏମାନଙ୍କର ଜୀବସତ୍ତା ବିକଶିତ ହୁଏ। କେହି କେହି କୁହନ୍ତି ନାଗଫେଣି କଣ୍ଟା ଗଛରେ ଏମାନେ ବସାକରି ରହିଥାନ୍ତି। ବର୍ଷା ଆସିଲେ ଅଣ୍ଡା ଦିଅନ୍ତି।



ସାଧବ ଘରର ସ୍ତ୍ରୀଲୋକମାନେ ନାଲିପାଟଲୁଗା ପିନ୍ଧିଲା ପରି ଏମାନେ ମଖମଲି ଆବରଣରେ ଆବୃତ ହୋଇଥିବା ଯୋଗୁ ଏମାନଙ୍କୁ ସାଧବବୋହୂ ବୋଲି ଲୋକେ କହିଥାନ୍ତି। ସଂସ୍କୃତରେ ଏହି ପୋକର ନାମ ଇନ୍ଦ୍ରଗୋପ । ଇନ୍ଦ୍ରଗୋପ ବ୍ୟତୀତ ଅଗ୍ନିରଜା, ବୈରାଟ, ତିତିଭ, ଅଗ୍ନିକ ନାମରେ ପ୍ରସିଦ୍ଧ। ଓଡ଼ିଶାର ପଲ୍ଲୀ ସାହିତ୍ୟରେ ଏହାକୁ ପାଟପୋକ, ମଖମଲି ପୋକ ବୋଲି କହିଥାନ୍ତି। ହିନ୍ଦୀରେ ଏହାର ନାମ ବୀର୍ ବହୁଟି, ବଙ୍ଗଳାରେ ସିନ୍ଦୂର ପୋକ ଏବଂ ଇଂଲିଶରେ The Coccinella।

କୋମଳ ରକ୍ତବର୍ଣ୍ଣ ଆବରଣ ବିଶିଷ୍ଟ ଏହି ପୋକର କୌଣସି ପକ୍ଷୀ ନାହିଁ। ଷଟ୍‌ପଦୀ ପୋକ। ଦୁଇଟି ନିଶ ଥାଏ। ଅଣ୍ଡିରାପୋକଟି ସ୍ତ୍ରୀ ପୋକଠାରୁ ଲମ୍ବା ଓ ସରୁ। ମୁଣ୍ଡଆଡ଼େ ଦୁଇଟି ନିଶ ଓ ପଛ ପାଖେ ୨ଟି ସରୁ କେଶ ବାହାରିଥାଏ। ଏମାନେ ବୁଢ଼ିଆଣୀର ଜ୍ଞାତି। ଏହି ପୋକକୁ ହାତରେ ଧରିଲେ ପଶମ ଭଳି ସୁଖ ସ୍ପର୍ଶ ଅନୁଭୂତ ହୁଏ।

ସାଧବବୋହୂ ଦେହରେ ଲୋମ ନ ଥାଏ। ଛୋଟ ଛୋଟ କଣ୍ଟା ଥାଏ। ଏମାନେ ପଡ଼ିଆର ଗାତଗୁଡ଼ିକରେ ରୁହନ୍ତି। ଅବୟବ ଓ ମୁଖ ଟାଣ ନ ହେଲେ ସୁଦ୍ଧା ପ୍ରକୃତି ସେମାନଙ୍କୁ ଏମିତି କ୍ଷୁଦ୍ରକ୍ଷୁଦ୍ର କୀଟ ସୃଷ୍ଟି କରି ଯୋଗାଇ ଦେଇଛନ୍ତି, ଯାହାକୁ ଖାଇ ସେମାନେ ବଞ୍ଚନ୍ତି। ଏମାନଙ୍କ ନିକଟରେ ମଧ୍ୟ ଔଷଧୀୟ ଗୁଣ ଅଛି।

ଯେଉଁଠି ସାଧବ ବୋହୂ ପୋକଟି ଦେଖିବା ସ୍ୱପ୍ନ, ସେତେବେଳେ ସେମାନଙ୍କର ବିନାଶ ପ୍ରଶ୍ନ କାହିଁକି ଉଠୁଛି। ବରଂ ପ୍ରକୃତିପ୍ରେମୀମାନେ ଯତ୍ନବାନ ହେବା ଉଚିତ ଏହି ସୁନ୍ଦର ପୋକଟି କିପରି ସୁରକ୍ଷା ପାଇବ। ବର୍ଷାଋତୁ ଆସିଲେ ବାଡ଼ିବଗିଚାରେ ଡଗଡଗ ହୋଇ ଚାଲି ଆମମାନଙ୍କର ମନୋରଞ୍ଜନ କରିବା ସହିତ ଶିଶୁମାନଙ୍କ ମୁହଁରେ ହସ ଫୁଟାଇବ।

ଆଗେ ଆମ ରାଜ୍ୟରେ ବହୁ ବଣ ଜଙ୍ଗଲ, ପଡ଼ିଆ ଥିଲା। ପ୍ରତି ଗାଁରେ ପର୍ଯ୍ୟାପ୍ତ ଗୋଚର ପଡ଼ିଆ ଜମି ଥିଲା। ଗୋରୁଚରିବା ନିମନ୍ତେ ସୁବିଧା ହେଉଥିଲା ଓ ସେହି ସବୁଜଘାସ ଭରା ପଡ଼ିଆରେ ଲାଲ ଗୁଲୁଗୁଲୁ ସାଧବବୋହୂ ପୋକ ଚାଲୁଥିଲେ। ଏବେ ମଣିଷ ଜଙ୍ଗଲ ଧ୍ୱଂସ କଲାଣି। ଗୋଚର ଭୂମିକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କଲାଣି। ଫଳରେ ସାଧବ ବୋହୂ ପୋକ, କଙ୍କି, ଜିଆ ପ୍ରଭୃତି ପ୍ରାଣୀ ଧ୍ୱଂସ ହେବାକୁ ବସିଲେଣି। ବର୍ଷାଦିନ ଆସିଲେ ଗୁଳ୍ମ ଲତାଗୁଡ଼ିକରେ ଜୁଲୁଜୁଲିଆ ପୋକମାନେ ଝଲମଲ ହୋଇ ଦେଖାଯାଉଥିଲେ। ଲିଚୁ ଆଲୁଅ ଲଗାଇଲା ଭଳି ବୃକ୍ଷଲତା ଦେଖାଯାଉଥିଲା। ପରିବେଶ ନଷ୍ଟ ହେବାରୁ ସେମାନଙ୍କ ସଂଖ୍ୟା ମଧ୍ୟ କମିଯାଇଛି।

ଏମାନଙ୍କର ସୁରକ୍ଷା ନିମନ୍ତେ ସରକାର ଯତ୍ନବାନ ହେବା ଜରୁରୀ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜନସାଧାରଣ ସାବଧାନ ହୁଅନ୍ତୁ। ଈଶ୍ୱର ସୃଷ୍ଟ କୀଟପତଙ୍ଗଙ୍କର ଧ୍ୱଂସ ଦିନେ ମାନବ ସମାଜର ଧ୍ୱଂସକୁ ଡାକିଆଣିବ। ପରିବେଶବିତ୍‌ମାନେ କେବଳ ପ୍ରଚାର ନିମନ୍ତେ ବୃକ୍ଷରୋପଣରେ ସୀମିତ ନ ରହି ପରିବେଶକୁ ସୁରକ୍ଷା ଦେଉଥିବା ଏଭଳି ଜୀବମାନଙ୍କର ସୁରକ୍ଷା ଓ ବଂଶ ବୃଦ୍ଧି ନିମନ୍ତେ ଚେଷ୍ଟା କରିବା ଆବଶ୍ୟକ।

**–ଡ. ତ୍ରିନାଥ ପଟ୍ଟନାୟକ**
*ନିଆଳି, କଟକ*
*ମୋ:୯୯୩୭୮୪୦୩୮୭*

# ଜଣା ଅଜଣା

* ଗବେଷଣାରୁ ଜଣାଯାଇଛି ଯେ, ଡାଇନୋସର ଏବଂ ସାର୍କ ପୂର୍ବରୁ ଜେଲି ଫିସ୍ ସୃଷ୍ଟି। ଏହା ପ୍ରାୟ ୬୫୦ ମିଲିୟନ ବର୍ଷ ପୂର୍ବରୁ ଜନ୍ମଲାଭ କରିଥିବାର ପ୍ରମାଣ ରହିଛି।





* ଦକ୍ଷିଣ-ପୂର୍ବ ଏସିଆ ଏବଂ ଉତ୍ତର ଅଷ୍ଟ୍ରେଲିଆର କେତେକ ଅଞ୍ଚଳରେ ବ୍ଲୁ ଜାଭା ବାନାନା ନାମକ ଏକ ପ୍ରକାର କଦଳୀ ଚାଷ କରାଯାଏ, ଯାହା ଦେଖିବାକୁ ସାମାନ୍ୟ ନୀଳ ରଙ୍ଗର। ଭାନିଲା ଭଳି ସ୍ୱାଦ ଥିବା ଏହି କଦଳୀକୁ ଆଇସ୍‌କ୍ରିମ୍ ବାନାନା ବୋଲି ମଧ୍ୟ କୁହାଯାଏ।



* ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦ୍ୱୀପରେ ଦେଖାଯାଉଥିବା 'ଟାରସିଅର' ନାମକ ରାତ୍ରିଚର ପ୍ରାଣୀର ପ୍ରତ୍ୟେକ ଆଖିର ଗୋଲେଇ ଏହାର ମସ୍ତିଷ୍କଠାରୁ ବଡ଼।

* ବରୋଇଙ୍ଗ୍ ଓ୍ୱଲ ନାମକ ପେଚା ପ୍ରଜାତି ଅନ୍ୟପ୍ରାଣୀଙ୍କ ମଳକୁ ସଂଗ୍ରହ କରି ନିଜ ବସା ଚାରିପଟେ ଜମାଇଥାଏ, ଫଳରେ ଏହି ମଳ ଦ୍ୱାରା ଆକୃଷ୍ଟ ହୋଇ ଆସୁଥିବା କୀଟପତଙ୍ଗଙ୍କୁ ସେ ଭକ୍ଷଣ କରିଥାଏ।



# ଆଇନା



ସୁମିତ
୫ ବର୍ଷ



ଅମ୍ବିକା
୭ ବର୍ଷ



ତୃପ୍ତି
୬ ବର୍ଷ